## ଶିକାରୀ ଗିରଫ

ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ବନଖଣ୍ଡ ପିଠାବଟା ବନ୍ୟପ୍ରାଣୀ ରେଞ୍ଜ କର୍ମଚାରୀମାନେ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ଶିକାର ସାମଗ୍ରୀ ଜବତ ହୋଇଛି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତର ଗୋପନୀୟତା ପାଇଁ ଅଭିଯୁକ୍ତଙ୍କ ନାମ ପ୍ରକାଶ କରାଯାଇ ନାହିଁ।

## ସଂକ୍ଷେପରେ

### କାନ୍ଥ ପଡ଼ି ଶିଶୁ ମୃତ

ବାସୁଦେବପୁର,୩।୧୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଦର୍ଶନପୁର ଗ୍ରାମରେ ଶୁକ୍ରବାର ଏକ ଇଟା କାନ୍ଥ ଭାଙ୍ଗି ପଡ଼ିବାରୁ ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ନିରଞ୍ଜନ ଦାସଙ୍କ ପୁଅ ଗୁଗୁଲୁ(୩)। ଘରର କାନ୍ଥଟି ହଠାତ୍ ଭାଙ୍ଗି ପଡ଼ିବା ଫଳରେ ଗୁଗୁଲୁ ତଳେ ଚାପି ହୋଇଯିବାରୁ ମୃତ୍ୟୁ ଘଟିଥିଲା।

### ପାଟଣା, ଠାକୁରମୁଣ୍ଡାରେ ହାତୀ ଉତ୍ପାତ

ପାଟଣା/ଠାକୁରମୁଣ୍ଡା,୩।୧୨(ସ୍ୱ.ପ୍ର./ଡି.ଏନ.ଏ.)- କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡ ବିଟ ଅଞ୍ଚଳରେ କିଛିଦିନ ବ୍ୟବଧାନ ପରେ ପୁଣି ବୁଧବାର ରାତିରେ୨୬ ଟିକିଆ ହାତୀପଲ ଅଟେଇ ସଂରକ୍ଷିତ ଜଙ୍ଗଲରେ ଡେରା ପକାଇ ଆଖ ପାଖ ଗାଁରେ ଉପଦ୍ରବ ଜାରି ରଖିଛନ୍ତି। ହାତୀପଲ ପିଛୁଲାବେଡା ଓ ବଣ ମହୁଲଡିହା ଗାଁର ଚାଷୀଙ୍କ ଧାନ ବିଲରେ ପଶି ବ୍ୟାପକ ନଷ୍ଟ କରିଛନ୍ତି। ହାତୀ ପଲ ତଣ୍ଡ ବିଟ ଅଧୀନ ଘାଟ ବାଲିଯୋଡ଼ି ଏବଂ ବଣ ମହୁଲଡିହା ମଝିରେ ଥିବା ବେଙ୍ଗେଇ ଜଙ୍ଗଲରେ ଆଶ୍ରୟ ନେଇଥିବା ରେଞ୍ଜର ଟିକେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ବଣ ମହୁଲଡିହା ଗାଁରେ ଏକ ଗୋଠଛଡ଼ା ଦନ୍ତା ପ୍ରବେଶ କରିବାରୁ ଗାଁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସେହିପରି ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳକୁ ମଙ୍ଗଳବାର ରାତିରେ ପଶି ଆସିଥିବା ୨୬ ଟିକିଆ ହାତୀପଲ ବିଭିନ୍ନ ଗ୍ରାମରେ ପଶି ଉତ୍ପାତ ଚଳାଇଛନ୍ତି। ସୀମାନ୍ତ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଦେଇ ହାତୀ ପଲ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ପଡ଼ିଆବେଡ଼ା ଫରେଷ୍ଟ ବିଟ ଅଞ୍ଚଳରେ ପଶି ମଙ୍ଗଳବାର ରାତିରେ ବହୁ ଚାଷୀଙ୍କ ବିଲରେ ଧାନ ଫସଲ ନଷ୍ଟ କରିଛନ୍ତି। ଗୁରବାର ଏହି ହାତୀପଲଙ୍କ ମଧ୍ୟରୁ ଏକ ଦନ୍ତା ଗୋଠ ଛଡା ହୋଇ ପଡ଼ିଆବେଡ଼ାର ମାଲଗୋଡ଼ିଆ ଜଙ୍ଗଲରେ ରହିଥିବା ବେଳେ ହାତୀ ଦେଖିବାକୁ ଯାଇଥିବା ଗୌରୀଗଦା ଗ୍ରାମର ସୁବାଷ ମହାନ୍ତଙ୍କ ବାଇକ୍‌କୁ ଭାଙ୍ଗି ଦେଇଥିବା ସୂଚନା ମିଳିଛି।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ଆର,ଉଦୟଗିରି,୩।୧୨(ଡି.ଏନ୍.ଏ.): ମୋହନା ଥାନା ପୋଲିସ ଶୁକ୍ରବାର କୁସୁମପୁରଠାରେ ଏକ କାର୍‌ରୁ ୧ କୁଇଣ୍ଟାଲ ୧୫ କିଲୋ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଶୁକ୍ରବାର ୨ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ରାଜମୋହନ ଗମାଙ୍ଗ ଗ୍ରାମ କପାଖଲ ଲୁହଗୁଡି ଅଞ୍ଚଳ ଏବଂ ଅନ୍ୟ ଜଣେ ଆର. ଉଦୟଗିରି ଥାନା ଛେଲାଗଡ଼ ଅଞ୍ଚଳ ଘୋଡାପଦର ଗ୍ରାମର ଉସାୟ ମଣ୍ଡଳ। କାର୍‌ରେ ଅଭିଯୁକ୍ତମାନେ ଗଞ୍ଜେଇ ନେଇ ବ୍ରହ୍ମପୁର ଅଭିମୁଖେ ବିକ୍ରି ପାଇଁ ଯାଉଥିବା ବେଳେ ପୋଲିସ ଗାଡ଼ି ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ନଂ.୨୩୮/୨୧ରେ ମାମଲା ରୁଜୁ ହୋଇଛି।

### ଟ୍ରାକ୍ଟରରୁ ନିଆଁ ବାହାରି ଧାନ ବସ୍ତା ଜଳିଗଲା

ଭଞ୍ଜନଗର, ୩।୧୨( ଡି.ଏନ.ଏ): ସମ୍ଭାବ୍ୟ ବାତ୍ୟା ଆଶଙ୍କାରେ ଜଗନ୍ନାଥପ୍ରସାଦ ବ୍ଲକ ପଟାଙ୍ଗୀ ଗ୍ରାମର ଚାଷୀମାନେ ଟ୍ରାକ୍ଟର ସହାୟତାରେ ଶୁକ୍ରବାର ଧାନ ଅମଳ କରୁଥିଲେ। ଏହି ସମୟରେ ଟ୍ରାକ୍ଟରରୁ ନିଆଁ ବାହାରି ସେଠାରେ ଅମଳ ହୋଇଥିବା ଧାନ ବସ୍ତାରେ ନିଆଁ ଲାଗିଯାଇଥିଲା। ଫଳରେ ୧୨ ଜଣ ଚାଷିଙ୍କ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଧାନ ବସ୍ତା ଜଳିଯାଇଛି। ଖବର ପାଇ ଦଶପଲା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ପଲିଥିନ ଧରପଗଡ଼

ବୁଗୁଡା,୩।୧୨(ଡି.ଏନ.ଏ.): ବୁଗୁଡା ଏନ୍‌ଏସି ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢାଉ କରାଯାଇ ପଲିଥିନ ଧରପଗଡ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ସହରରେ ଥିବା ବିଭିନ୍ନ ଦୋକାନ ଉପରେ ଚଢାଉ କରି ଦୋକାନ ସମ୍ମୁଖରୁ ପାଞ୍ଚ ମିଟର ପର୍ଯ୍ୟନ୍ତ ପରିଷ୍କାର ଅଛି କି ନାହିଁ ନିରୀକ୍ଷଣ କରିଥିଲେ। ଏଥିସହ କେତେକ ଦୋକାନରେ ପଲିଥିନ ଧରପଗଡ଼ କରି ୯ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଉକ୍ତ ଚଢାଉରେ ଜଗଦୀଶ ପଣ୍ଡା, ରାମକୃଷ୍ଣ ପଟ୍ଟନାୟକ, ବିରଞ୍ଚି ନାରାୟଣ ପାତ୍ର, ରଞ୍ଜନ ପ୍ରଧାନ, ଅଶୋକ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ରଘୁନାଥ ପାଢୀ, ସୁଶାନ୍ତ କୁମାର ଜେନା ପ୍ରମୁଖ କର୍ମଚାରୀମାନେ ସାମିଲ ଥିଲେ।

# ଉପକୂଳମୁହାଁ ଟ୍ରଲର, ଡଙ୍ଗା

**ବାତ୍ୟା ଭୟ**

**ପର୍ଯ୍ୟଟକଙ୍କୁ ସମୁଦ୍ର ମନା**

ଭୋଗରାଇ, ୩।୧୨(ଡି.ଏନ.ଏ.)

ବଙ୍ଗୋପସାଗରରୁ ମାଡ଼ି ଆସୁଛି ସାମୁଦ୍ରିକ ଝଡ଼ ଜୱାଦ। ମେ' ରେ ସାମୁଦ୍ରିକ ଝଡ଼ 'ୟାସ୍' ତାଣ୍ଡବ ମନରୁ ଲିଭି ନ ଥିବା ବେଳେ ପୁଣି ଏକ ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ନେଇ ଉପକୂଳବାସୀଙ୍କୁ ଭୟଭୀତ ହୋଇପଡିଛନ୍ତି। ଏହି ବାତ୍ୟା ବାଲେଶ୍ୱର ଉପକୂଳକୁ ପ୍ରଭାବିତ କରିବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ବାତ୍ୟାର ଭୟଙ୍କର ରୂପ କୂଳଆଡ଼କୁ ଅଗ୍ରସର ହେଉଥିବା ବେଳେ ଶୁକ୍ରବାର ପାଗରେ ଅବନତି ହୋଇଛି। ଆକାଶ ମେଘାଛନ୍ନ ରହିଥିବା ବେଳ ସମୁଦ୍ର ଅଶାନ୍ତ ହୋଇଛି। ଅମାବାସ୍ୟା ତିଥିରେ ସମୁଦ୍ର ଉତ୍ତାଳ ହୋଇ କୂଳଆଡ଼କୁ ଢ଼େଉ ମାଡ଼ିଆସୁଥିବା ଦେଖାଦେଇଛି। ବାତ୍ୟା ଓ ଅଶାନ୍ତ ସମୁଦ୍ର ଯୋଗୁ ବାଲେଶ୍ୱର ଉପକୂଳରୁ ଗଭୀର ସମୁଦ୍ରକୁ ଯାଇଥିବା ସମସ୍ତ ଟ୍ରଲର ଓ ମାଛଧରା ଡଙ୍ଗା ଶନିବାର ସକାଳ ସୁଦ୍ଧା ମତ୍ସ୍ୟ ଅବତରଣ କେନ୍ଦ୍ରକୁ ଫେରିବାକୁ ମତ୍ସ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାର ଉଦୟପୁର, ତାଳସାରୀ, ବିଚିତ୍ରପୁର, ଡଗରା, ବାହାବଳପୁର, ବଳରାମଗଡ଼ି, ଚାନ୍ଦିପୁର ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କୁ ସମୁଦ୍ରକୁ ନ ଯିବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ଅପରପକ୍ଷରେ


ଉପକୂଳରେ ମତ୍ସ୍ୟଜୀବୀଙ୍କ ଟ୍ରଲର ଓ ଡଙ୍ଗା।

ଭୋଗରାଇ ସୀମାନ୍ତ ଦୀଘା, ଶଙ୍କରପୁର, ତାଜପୁର ଓ ମନ୍ଦାରମଣୀ ପର୍ଯ୍ୟଟନସ୍ଥଳୀରେ ସମୁଦ୍ରକୁ ନ ଯିବାକୁ ପର୍ଯ୍ୟଟକଙ୍କୁ ପଶ୍ଚିମବଙ୍ଗ ପ୍ରଶାସନ କଡ଼ା ସତର୍କତା ଜାରି କରିବା ସହିତ ଏନ୍‌ଡିଆର୍‌ଏଫ୍‌ର ୨୫ଜଣିଆ ଟିମ୍ ଏଠାରେ ପଇଁତରା ଦେଉଛି। ବର୍ଷା ଓ ବାତ୍ୟା ଆଶଙ୍କା ଯୋଗୁ ଚାଷୀକୁଳ ଚିନ୍ତିତ ହୋଇ ପଡିଛନ୍ତି।

# ସମୁଦ୍ରକୂଳିଆ ଅଞ୍ଚଳ ବୁଲି ଦେଖିଲେ ଜିଲାପାଳ

ଭଦ୍ରକ ଅଫିସ, ୩।୧୨

**ପହଞ୍ଚିଲା ଏନ୍‌ଡିଆର୍‌ଏଫ୍ ଟିମ୍**

ବାତ୍ୟା ଜୱାଦର ମୁକାବିଲା ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଶୁକ୍ରବାର ଜିଲାପାଳ ତ୍ରିଲୋଚନ ମାଝିଙ୍କ ଅଧକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ସତର୍କତାମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ସେହି ଅନୁଯାୟୀ ବରିଷ୍ଠ ଅଧିକାରୀମାନଙ୍କୁ ସମୁଦ୍ର ଉପକୂଳବର୍ତ୍ତୀ ଧାମରା, ଚାନ୍ଦବାଲି ଓ ବାସୁଦେବପୁର ଅଞ୍ଚଳକୁ ପଠାଯାଇଛି। ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ଧାମରା ଅଞ୍ଚଳକୁ ପଠାଯାଇ ସ୍ଥିତି ଉପରେ ନଜର ରଖି କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଖୋଦ୍ ଜିଲାପାଳ ସନ୍ଧ୍ୟାରେ ବିଭିନ୍ନ ବାତ୍ୟାଶ୍ରୟ ସ୍ଥଳୀ ଓ ସମୁଦ୍ରକୂଳିଆ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ସେହିପରି ଆଉ ଗୋଟିଏ ଓଡ୍ରାଫ୍ ଟିମ୍ ଆସିଲେ ବାସୁଦେବପୁର ଅଞ୍ଚଳକୁ ପଠାଯିବ ବୋଲି ଜିଲାପାଳ କହିଛନ୍ତି। ଏଥିସହ ଜିଲାରେ ଥିବା ୯ ଅଗ୍ନିଶମ ଟିମ୍ ଓ ରାଜ୍ୟରୁ ଆସିବାକୁ ଥିବା ୧୩ ଟିମ୍‌କୁ ମଧ୍ୟ ବିଭିନ୍ନ ଅଞ୍ଚଳକୁ ଉଦ୍ଧାର କାର୍ଯ୍ୟ ପାଇଁ ପଠାଯିବ। ଆବଶ୍ୟକ ହେଲେ ସମୁଦ୍ର ଉପକୂଳରେ ଥିବା ବାସୁଦେବପୁର ବ୍ଲକର ୧୭ ଏବଂ ଚାନ୍ଦବାଲି ବ୍ଲକର ୨୯ ମୋଟ ୪୬ ଗାଁର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଅଣାଯିବ। ବର୍ଷା ଓ ପବନର ବେଗ ଜୋର ରହିଲେ ତଳିଆ ଅଞ୍ଚଳର ଲୋକଙ୍କୁ ଜିଲାରେ ଥିବା ୧୦୪ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ବ୍ୟବସ୍ଥା ହୋଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ସତର୍କ ସୂଚନା ଜାରି କରିବା ପରେ ସେମାନେ ଉପକୂଳକୁ ଫେରି ଆସିଛନ୍ତି। ଧାନ ଚାଷ ଅଧିକ ପ୍ରଭାବିତ ହେବାକୁ ଥିବାରୁ ଚାଷୀମାନଙ୍କୁ ଧାନ ନ କାଟିବା ଓ କାଟିଥିଲେ ଉଠାଇ ଆଣିବାକୁ ପରାମର୍ଶ ଦେଇଥିବା ଜିଲାପାଳ ମାଝି କହିଛନ୍ତି।


ବାସୁଦେବପୁର ତଳିଆ ଅଞ୍ଚଳ ଅନୁଧ୍ୟାନ କରୁଛନ୍ତି ଜିଲାପାଳ ତ୍ରିଲୋଚନ ମାଝି।

# ରାସ୍ତାରେ ଧାନ ରଖି ବିକ୍ଷୋଭ

ଜଳେଶ୍ୱର, ୩।୧୨(ଡି.ଏନ.ଏ.)

ଚଳିତବର୍ଷ ପ୍ରତିକୂଳ ପାଗ ଓ ଚକଡ଼ା ପୋକ ଚାଷୀଙ୍କୁ ହନ୍ତସନ୍ତ କରିଛି । ୯୦ପ୍ରତିଶତ ଚାଷ ଅମଳ ହୋଇଥିବାରୁ ଏବେ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହେଉଛି। ସରକାରୀ ଧାନମଣ୍ଡି ଖୋଲି ନ ଥିବାରୁ ପଶ୍ଚିମବଙ୍ଗର ଦଲାଲମାନେ ୧୨୦୦ଟଙ୍କାରେ ଧାନ କିଣି ଚାଷୀମାନଙ୍କୁ ଶୋଷଣ କରୁଛନ୍ତି । ଏହାର ପ୍ରତିବାଦରେ ଗତ ୨୮ତାରିଖରେ ବାଲେଶ୍ୱର ଜିଲା ଜଳେଶ୍ୱର ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ତୁରନ୍ତ ମଣ୍ଡି ଖୋଲିବାକୁ ଚେତବନୀ ଦିଆଯାଇଥିଲା ।

ଶୁକ୍ରବାର ଶହ ଶହ ଭଜପା କର୍ମୀ ଧାନ ବସ୍ତା ଧରି ଏକ ପଟୁଆରରେ ଖୁଆଡ଼ସ୍ଥିତ ବିଧାୟକଙ୍କ ବାସଭବନ ଆଡ଼କୁ ଧସେଇ ପଶିବା ବେଳେ ପୋଲିସ୍ ସେମାନଙ୍କୁ ବାଧା ଦେଇଥିଲା। ଖୁଆଡ଼ ହାଟପଡ଼ିଆ ନିକଟରେ ରାସ୍ତା ଉପରେ ଧାନ ବସ୍ତା ରଖି ବିକ୍ଷୋଭକାରୀମାନେ ନାରାବାଜି



ଭାଜପା ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

**ବିଧାୟକଙ୍କ ବାସଭବନକୁ ଧସେଇ ପଶିବା ବେଳେ ବାଧା ଦେଲା ପୋଲିସ**

ଦେଇଥିଲେ। ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ୭ଦିନ ମଧ୍ୟରେ ବ୍ଲକରେ ଥିବା ସମସ୍ତ ୧୯ଟି ସେବା ସମବାୟରେ ଧାନମଣ୍ଡି ଖୋଲାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରହିଥିଲା। କାର୍ଯ୍ୟକ୍ରମରେ ଭାଜପା ଟାଉନ ସଭାପତି ଫାଲଗୁନୀ ପାଣିଗ୍ରାହୀ, ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ତନ୍ମୟ ଚାନ୍ଦ, ସାବିତ୍ରୀ ଜେନା, ରାମକୃଷ୍ଣ ସାହୁ, ପ୍ରଦୀପ ମହାନ୍ତି, ଗୌରଗୋପାଳ ଦାସ ଅଧିକାରୀ, ବିଶ୍ୱରୂପ ଦାସ, ତରୁଣ ପଟ୍ଟନାୟକ, ଅରୁଣ ଜେନା ପ୍ରମୁଖ ବହୁ ନେତା ସାମିଲ ହୋଇଥିବା ବେଳେ ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ରାଇବଣିଆ ଆଇଆଇସି ଗୋପାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିପିଆରଏସ୍ ଧରାଇଲା ବାଇକ ଚୋର

ରୂପସା, ୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଜାମଶୂଳି ଛକ ନିକଟରୁ ପୋଲିସ ଜଣେ ବାଇକ ଚୋରଙ୍କୁ ଗିରଫ କରିଛି । ଚୋରି ବାଇକରେ ଜିପିଆରଏସ୍ ସିଷ୍ଟମ ଥିବାରୁ ବାଇକ ଚୋରଙ୍କୁ କାବୁ କରାଯିବା ସହ ବାଇକକୁ ଉଦ୍ଧାର କରିବାରେ ସଫଳତା ମିଳିଛି। ବାଲେଶ୍ୱର ସହରରୁ ବୁଧବାର ରାତିରେ ଏକ ବାଇକକୁ ଚୋରି ହୋଇଥିଲା। ଗାଡି ମାଲିକ ମୋବାଇଲରେ ଟ୍ରାକିଂ କରି ସିଂଲା ଥାନା ଜାମଶୂଳି ଛକରୁ ଗାଡି ସହିତ ଚୋରଙ୍କୁ ଠାବ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଜାମଶୂଳି ଛକରେ ପହଞ୍ଚି ଗାଡି ଜବତ କରିବା ସହ ଚୋରଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ଜଳେଶ୍ୱର ଥାନା ଗୋବର୍ଦ୍ଧନପୁର ଗ୍ରାମର ପ୍ରଦୀପ ନାଥ । ଘଟଣା ସହଦେବଖୁଣ୍ଟା ଥାନା ଅଧୀନରେ ହୋଇଥିବାରୁ ଉଦ୍ଧାର ଗାଡି ସହିତ ଚୋରଙ୍କୁ ସହଦେବଖୁଣ୍ଟା ଥାନାକୁ ହସ୍ତାନ୍ତର କରାଯାଇଛି।

# ବନ୍ଧୁକ ଦେଖାଇ ଚେନ୍ ଲୁଟିନେଲେ

କୁଳିଅଣା,୩।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅନ୍ତର୍ଗତ ନଧୁବଣୀଗ୍ରାମ ନିକଟରେ କୁଳିଅଣା ବ୍ଲକ ହାତୀମଡ଼ା ପଞ୍ଚାୟତରେ ଜିପିଟିଏ ଭାବେ କାର୍ଯ୍ୟ କରୁଥିବା ଜ୍ୟୋତିରଶ୍ମୀ ନାୟକଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ସୁନା ଚେନ୍ ଲୁଟି ନେଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୧୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ଜ୍ୟୋତିରଶ୍ମୀ ସ୍କୁଟି ଯୋଗେ ଆସୁଥିବା ବେଳେ ଦୁଇ ଯୁବକ ଏକ ପଲସର ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଚେନ୍ ଲୁଟିନେଇ ପଳାଇଥିଲେ।

# ନିମ୍ନମାନର କାର୍ଯ୍ୟ ପ୍ରତିବାଦରେ ଧାରଣା


ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଆର.ଉଦୟଗିରି,୩।୧୨(ଡି.ଏନ.ଏ.)

ମୋହନା ବ୍ଲକର ଡେଙ୍ଗେସଖାଲ ଗ୍ରାମରେ ଉଚ୍ଚ ବିଦ୍ୟାଳୟ କୋଠା ଓ ରାସ୍ତା ନିର୍ମାଣ ନିମ୍ନମାନର ହୋଇଥିବା ଅଭିଯୋଗ କରି ଗୁରୁବାର ପଞ୍ଚାୟତବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଡେଙ୍ଗେସଖାଲ ଗାଁରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୫୫ ଲକ୍ଷ ଟଙ୍କା ବିନିମୟରେ ଉଚ୍ଚ ବିଦ୍ୟାଳୟ କୋଠା ନିର୍ମାଣ କରାଯାଇଛି। କାମ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଡୁମିଗୁଡାଠାରୁ ଲଣ୍ଡାଗୁଡା ଓ ପାଟିପଙ୍କାଠାରୁ ଡେଙ୍ଗେସଖାଲ ଗାଁକୁ ରାସ୍ତା ନିର୍ମାଣ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ ନ କରିବାରୁ ବାଧ୍ୟ ହୋଇ ଗ୍ରାମବାସୀ ଧାରଣା ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଠିକାଦାରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେହିଦିନ ଯାଏ ଧାରଣାରେ ବସି ରହିବେ ବୋଲି ଜିଦ୍ ଧରିଥିଲେ। ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସୁଶାନ୍ତ ସିଂଙ୍କଠାରୁ ଦୁଇ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା।

# ଆକ୍ରମଣ ଅଭିଯୋଗରେ ୩ ଗିରଫ

ଭଞ୍ଜନଗର,୩।୧୨(ଡି.ଏନ.ଏ)

ତାରସିଂ ପୋଲିସ ତୋଲଡ଼ିର ଏକ ହତ୍ୟା ଉଦ୍ୟମ ମାମଲାରେ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋକୁଳ ନାୟକ, କାଳିଆ ନାୟକ, ଅର୍ଜୁନ ନାୟକ। ଗ୍ରାମର ସୁରଥ ନାୟକଙ୍କୁ ଅଭିଯୁକ୍ତମାନେ ଗତ ୩୦ ତାରିଖରେ ଆକ୍ରମଣ କରିଥିଲେ। ଏ ନେଇ ପୋଲିସ ନଂ.୩୨୮/୨୧ରେ ଏକ ମାମଲା ରୁଜୁ କରିଛି।

# ଗଞ୍ଜାମରେ ୩୦୦ ହେଲା ଡେଙ୍ଗୁ

ବ୍ରହ୍ମପୁର ଅଫିସ,୩।୧୨

**ବ୍ରହ୍ମପୁରରେ ସର୍ବାଧିକ ୧୩୧ ଆକ୍ରାନ୍ତ**

ଗଞ୍ଜାମ ଜିଲାରେ ଡେଙ୍ଗୁ ସ୍ଥିତି ଏବେ ଅସମ୍ଭାଳ ହୋଇ ପଡ଼ିଲାଣି। ଜିଲାର ବ୍ରହ୍ମପୁର ମହାନଗର ସମେତ ବିଭିନ୍ନ ବ୍ଲକରୁ ପ୍ରତିଦିନ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏଥିରୁ ଶିଶୁମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ଶୁକ୍ରବାର ପୁଣି ୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କୁ ଏମକେସିଜି ମେଡିକାଲ କାଜୁଆଲ୍ଟି ପ୍ରଥମ ମହଲାରେ ଖୋଲାଯାଇଥିବା ସ୍ୱତନ୍ତ୍ର ୱାର୍ଡ଼ରେ ଚିକିତ୍ସା କରାଯାଉଛି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୦୦ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୨୩୮ ଜଣ ସ୍ଥାନୀୟ ବାସିନ୍ଦା ହୋଇଥିବା ବେଳେ ୬୨ଜଣ ପ୍ରବାସୀ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ସେହିପରି ବିଏମସିର ବିଭିନ୍ନ ୱାର୍ଡରୁ ସର୍ବାଧିକ ୧୩୧ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଭଙ୍ଗା ବାଲ୍‌ଟି, ପଇଡ଼ ଖୋଳପା, ଟାୟାରରେ ଅଧିକ ଦିନ ପର୍ଯ୍ୟନ୍ତ ପାଣି ଜମି ରହିବା ଫଳରେ ସେଠାରେ ଡେଙ୍ଗୁ ମଶା ଲାର୍ଭା ସୃଷ୍ଟି ହେଉଛି। ଯାହାକି ଡେଙ୍ଗୁ ରୋଗର କାରଣ ସାଜୁଛି। ଏ ସମ୍ପର୍କରେ ଜିଲା ମ୍ୟାଲେରିଆ ଅଧିକାରୀ ଡା.ସନ୍ତୋଷ କୁମାର ପାଢ଼ୀ କୁହନ୍ତି, ଡେଙ୍ଗୁ ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ପାଣି ଜମା ନରଖିବା ପାଇଁ କୁହାଯାଉଛି। ଡେଙ୍ଗୁରେ ଆକ୍ରାନ୍ତ ହେଲେ ରୋଗୀଙ୍କୁ ଜ୍ୱର ହୋଇଥାଏ। ଏଥିପାଇଁ ତାଙ୍କୁ ପାରାସିଟାମଲ୍ ଟାବଲେଟ୍ ଦିଆଯାଇଥାଏ। ସେହିପରି କିଛି ଭିଟାମିନ୍ ଔଷଧ ମଧ୍ୟ ଦିଆଯାଏ। ନିୟମିତ ଔଷଧ ସେବନ କଲେ ରୋଗୀ ସୁସ୍ଥ ହୋଇଯିବେ। ଶରୀରରେ ପ୍ଲାଟଲେଟ୍ କମିଲେ ରୋଗୀ ଗୁରୁତର ହୋଇଥାନ୍ତି। ଏଣୁ ତାଙ୍କୁ ମେଡିକାଲରେ ପ୍ଲାଟଲେଟ୍ ଦିଆଯାଇଥାଏ ବୋଲି ସେ କହିଛନ୍ତି।

# କିଷାନ ମହାପଞ୍ଚାୟତ ସ୍ଥଗିତ

ବ୍ରହ୍ମପୁର ଅଫିସ,୩।୧୨

ବ୍ରହ୍ମପୁରରେ ଆସନ୍ତା ୬ ତାରିଖରେ ହେବାକୁ ଥିବା କିଷାନ ମହାପଞ୍ଚାୟତ ପ୍ରତିକୂଳ ପାଗ ଯୋଗୁ ସ୍ଥଗିତ ରଖାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ରାଜ୍ୟ ଶାଖା ଆବାହକ ମଣ୍ଡଳୀ ସଦସ୍ୟ ତଥା ବରିଷ୍ଠ ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ପ୍ରସ୍ତାବିତ ମହାପଞ୍ଚାୟତରେ ସଂଯୁକ୍ତ କିଷାନ ମୋର୍ଚ୍ଚା ସର୍ବଭାରତୀୟ ନେତା ରାକେଶ ଟିକାୟତଙ୍କ ସମେତ ଆଶିଷ ମିତ୍ତଲ, ଅଶୋକ ଧାୱେଲ, ଦର୍ଶନ ପାଲ, ଅତୁଲ କୁମାର ଅଞ୍ଜାନ ଓ ଅନ୍ୟ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ବିଶାଳ ସମାବେଶ ପାଇଁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଚିହ୍ନଟ କରାଯାଇଥିଲା। ଭାଲଚନ୍ଦ୍ର ଆହୁରି କହିଛନ୍ତି, ୩ ବିବାଦୀୟ କୃଷି ଆଇନ ବିରୋଧରେ ଚାଲିଥିବା କୃଷକମାନଙ୍କ ଆନ୍ଦୋଳନ ଆଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଣ୍ଡ ନୁଆଁଇ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି। ତଥାପି ଆହୁରି ଅନେକ ଦାବି ପୂରଣ ହୋଇନାହିଁ। ତେଣୁ କିଷାନ ମୋର୍ଚ୍ଚା ଆନ୍ଦୋଳନରୁ ସମ୍ପୂର୍ଣ୍ଣ ଓହରିନାହିଁ। ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁରରେ ମହାପଞ୍ଚାୟତର ବିଶାଳ ସମାବେଶ ଲାଗି ସମସ୍ତ ପ୍ରସ୍ତୁତି ସରିଥିଲା। ତେବେ ବାତ୍ୟା ଜୱାଦ ପାଇଁ ସ୍ଥିତି ପ୍ରତିକୂଳ ହୋଇଥିବାରୁ ସ୍ଥଗିତ ରଖାଗଲା। ସୁଧୁରିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଷଡ଼ଙ୍ଗୀ ସ୍ପଷ୍ଟ କରିଛନ୍ତି।

# ୩୫ ଖଣ୍ଡ ଶାଗୁଆନ ପଟା ଜବତ



୩।୧୨(ଡି.ଏନ.ଏ)

ଗଞ୍ଜାମ ନୟାଗଡ଼ ଜିଲା ଓଡ଼ଗାଁ ଥାନା ସୁନାମୁହିଁ ଅଞ୍ଚଳର ୩ଜଣ ବ୍ୟକ୍ତି ଗୁରୁବାର ରାତିରେ ଏକ ଡାଲା ଅଟୋରେ ଶାଗୁଆନ ପଟା ଧରି କମଶରଗଡ଼ ଶଙ୍ଖପଲି ରାସ୍ତାରେ ଯାଉଥିଲେ। ଜଗନ୍ନାଥପ୍ରସାଦ ରେଞ୍ଜ କର୍ମଚାରୀ ସେମାନଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ ହେଲେ ସନ୍ତୋଷ ସାହୁ, ବୁଲୁ ନାଇକ ଓ ଦାଶରଥି ନାଇକ। ସେମାନଙ୍କଠାରୁ ୩୫ ଖଣ୍ଡ ଶାଗୁଆନ ପଟା ସହ ଡାଲା ଅଟୋକୁ ଜବତ କରାଯାଇଛି। ଏ ନେଇ ନଂ. ୨୫୬/୨୧-୨୨ ଅନୁଯାୟୀ ଶୁକ୍ରବାର ଅଭିଯୁକ୍ତଙ୍କୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଛି।

# ଛୁରାମାଡ଼ରେ ଜଣେ ଗୁରୁତର

**ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଗଣ୍ଡଗୋଳ**

ବ୍ରହ୍ମପୁର ଅଫିସ, ୩।୧୨

ବ୍ରହ୍ମପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଗଣ୍ଡଗୋଳ ହୋଇଛି। ଜଣେ ଷ୍ଟାମ୍ପ ଭେଣ୍ଡରଙ୍କ ଆକ୍ରମଣରେ କାର୍ଯ୍ୟାଳୟର ଡିଟିପି ଅପରେଟର ଗୁରୁତର ଆହତ ହୋଇଛନ୍ତି। ବକେୟା ୫୦୦ ଟଙ୍କା ପାଇଁ ଏହି ଗଣ୍ଡଗୋଳ ହୋଇଛି। ସୂଚନାପ୍ରକାରେ, ଷ୍ଟାମ୍ପ ଭେଣ୍ଡର ଜଣକ ଉପନିବନ୍ଧକଙ୍କ କାର୍ଯ୍ୟାଳୟର ଡିଟିପି ଅପରେଟର କୃଷ୍ଣ ବେହେରାଙ୍କୁ କିଛି କାମ ଦେଇଥିଲେ । ସେହି କାମ ବାବଦକୁ କୃଷ୍ଣ ୫୦୦ ଟଙ୍କା ସମ୍ପୃକ୍ତ ଷ୍ଟାମ୍ପ ଭେଣ୍ଡରଙ୍କୁ ଦେବାର ଥିଲା । ଟଙ୍କା ମିଳିବାରେ ବିଳମ୍ବ ହେବାରୁ ଷ୍ଟାମ୍ପ ଭେଣ୍ଡର ଆସି କୃଷ୍ଣଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ଉତକ୍ଷିପ୍ତ ହୋଇ ଛୁରୀରେ କୃଷ୍ଣଙ୍କ ଛାତିକୁ ଭୁସି ଦେଇଥିଲେ। ଛୁରା ମାଡରେ କୃଷ୍ଣଙ୍କ ଛାତିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଗଣ୍ଡଗୋଳ ବେଳେ ଷ୍ଟାମ୍ପ ଭେଣ୍ଡର ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି । ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଟାଉନ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ଋଷିକୁଲ୍ୟା ମୁହାଣରେ କଇଁଛଙ୍କ ମିଳନ ପର୍ବ ଆରମ୍ଭ

ଗଞ୍ଜାମ,୩।୧୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ମୁହାଣ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହୋଇଛି। ଚଳିତବର୍ଷ ସାମାନ୍ୟ ବିଳମ୍ବରେ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଥିବା ପରିବେଶବିତମାନେ ମତ ଦେଇଛନ୍ତି। ଚଳିତବର୍ଷ ନଭେମ୍ବର ପ୍ରାୟ ଦ୍ୱିତୀୟ ସପ୍ତାହରୁ ମିଳନ ପର୍ବ ଆରମ୍ଭ ହୋଇଥିଲେ ମଧ୍ୟ ସମୁଦ୍ରଠାରୁ ପ୍ରାୟ ୨୦ କିମି ଦୂରରେ କାଁ ଭାଁ କଇଁଛଙ୍କ ମିଳନ ଚାଲୁଥିବା ପାଟ୍ରୋଲିଂ ବେଳେ ଦେଖିବାକୁ ମିଳିଛି ବୋଲି ରେଞ୍ଜର ଅବିନାଶ ଚୌଧୁରୀ ଯୋଗାଯୋଗ ବେଳେ କହିଛନ୍ତି। ସମୁଦ୍ର ଉପକୂଳରେ ଦକ୍ଷିଣା ପବନ ବୋହିଲେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବନବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କଇଁଛଙ୍କ ମିଳନ ଲାଗି ଉତ୍ତର ଦିଗରେ ଥିବା ପ୍ରାୟୋଗି ଏବଂ ଦକ୍ଷିଣ ଦିଗରେ ଥିବା ଆର୍ଜିପଲ୍ଲୀ ପର୍ଯ୍ୟନ୍ତ ସମୁଦ୍ର ଅଞ୍ଚଳକୁ ବନବିଭାଗ ପକ୍ଷରୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏଥିସହିତ କଇଁଛଙ୍କ ଗଣ ଅଣ୍ଡାଦାନରେ ବାଧା ନ ଉପୁଜିବା ଲାଗି ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ କରାଯାଇ କୋଷ୍ଟଗାର୍ଡ ମଧ୍ୟ ନିୟୋଜିତ କରାଯାଇଛି। ଜାନୁୟାରୀ ଶେଷ ସପ୍ତାହ କିମ୍ବା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ସ୍ଥାନୀୟ ପରିବେଶବିତ୍ ଆଶା ରଖିଛନ୍ତି।

# ଅସ୍ତ୍ରୋପଚାର ପରେ ଦୋଳାରେ ବୁହା ହେଲେ ମହିଳା

ପାତ୍ରପୁର,୩।୧୨(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଦୁର୍ଗମ ଅଞ୍ଚଳର ଜଣେ ମହିଳା ପରିବାର ନିୟୋଜନ ଅସ୍ତ୍ରୋପଚାର ପରେ ଦୋଳାରେ ନଦୀ ପାର ହୋଇଛନ୍ତି। ବୁରାତାଲ ପଞ୍ଚାୟତ ଗୁଡ଼ିପଦର ଗ୍ରାମର ଗୋବିନ୍ଦ ଶବରଙ୍କ ସ୍ତ୍ରୀ ସଞ୍ଜୁଙ୍କୁ ଶୁକ୍ରବାର ଦୁଇଟି ନଦୀ ପାରହୋଇ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ପଠାଯାଇଥିଲା। ହେଲେ ତୁମ୍ବା ବାହୁକ ସାହି ନିକଟରେ ଥିବା



ମହେନ୍ଦ୍ର ତନୟା ନଦୀରେ ଆମ୍ବୁଲାନ୍ସ ଯାଇ ପାରି ନ ଥିଲା। ତେଣୁ ତାଙ୍କ ସମ୍ପର୍କୀୟମାନେ ଏକ ଦୋଳା ସାହାଯ୍ୟରେ ନଦୀପାର କରି ସଞ୍ଜୁଙ୍କୁ ବାପ ଘର କନ୍ହେଇ ମାଳ ଗ୍ରାମକୁ ପ୍ରାୟ ୫ କିଲୋମିଟର ବୋହି ନେଇଥିଲେ।

**ସଂକ୍ଷେପରେ**

## ସ୍ୱାସ୍ଥ୍ୟକର୍ମୀଙ୍କୁ ଅପହରଣ ଅଭିଯୋଗ

**ଫୁଲବାଣୀ ଅଫିସ, ୩।୧୨:** କନ୍ଧମାଳ ଜିଲା ଫିରିଙ୍ଗିଆ ସହର ପଞ୍ଚାୟତ କଲେଜ ନିକଟରେ ଥିବା ଗାୟତ୍ରୀ ମନ୍ଦିର ନିକଟରୁ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ କିଛି ଦୁର୍ବୃତ୍ତ ଅପହରଣ କରିଥିବା ଅଭିଯୋଗ ହୋଇଛି। ଫୁଲବାଣୀ ସହର କୁମ୍ଭାର ସାହି ସ୍ୱାସ୍ଥ୍ୟକର୍ମୀ ଦିପିକା ବେହେରା ଗୁରୁବାର ନିଜ ସହଯୋଗୀ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଫିରିଙ୍ଗିଆ ମାଷ୍ଟରପଡାଠାରେ ଭଡା ଘରକୁ ଫେରୁଥିଲେ। ପୂର୍ବରୁ ଗାୟତ୍ରୀ ମନ୍ଦିର ନିକଟରେ ଛକି ରହିଥିବା କିଛି ଦୁର୍ବୃତ୍ତ ତାଙ୍କୁ ଜବରଦସ୍ତ କାରରେ ବସାଇ ଅପହରଣ କରି ନେଇଥିଲେ। ଅପହୃତା ସ୍ୱାସ୍ଥ୍ୟକର୍ମୀ ଜଣକ ଗତ ଦେଢବର୍ଷ ହେବ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ। ଏ ନେଇ ଫିରିଙ୍ଗିଆ ଥାନା ପୋଲିସ ନଂ. ୧୬୧/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ବିଶ୍ୱ ଦିବ୍ୟାଙ୍ଗ ଦିବସ

**ପାରଳାଖେମୁଣ୍ଡି, ୩।୧୨(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ସହରସ୍ଥ ଗାନ୍ଧୀ ମେମୋରିଆଲ ସ୍କୁଲ ପରିସରରେ ନିୟତୀ ମାନସିକ ଅନଗ୍ରସର ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶିବିର ଓ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ସ୍ମାର୍ଟ ସ୍କୁଲର ପ୍ରତିଷ୍ଠାତା ସ୍ୱାଗତିକା ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ସିସିଡିର ପ୍ରତିଷ୍ଠାତା ଏବଂ ସମ୍ପାଦକ ଏ. ଜଗନ୍ନାଥ ରାଜୁ ଯୋଗଦେଇଥିଲେ। ସମର୍ଥର ସମ୍ପାଦକ ସନ୍ତୋଷ ମହାରଣା ସରକାରଙ୍କ ବିଭିନ୍ନ ହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ। ତାନିଶା ବେବର୍ତ୍ତା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ଗର୍ତ୍ତରୁ ଗାଈ ଉଦ୍ଧାର

**ଗଞ୍ଜାମ,୩।୧୨(ଡି.ଏନ.ଏ.):** ଗଞ୍ଜାମ ସହର ନିକଟସ୍ଥ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରେ ଏକ ଗାଈ ଗର୍ତ୍ତ ମଧ୍ୟରେ ପଡିଯାଇଥିଲା। ଦୀର୍ଘ ଦିନି ପରେ ଶୁକ୍ରବାର ଗଞ୍ଜାମ ସହରର ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ ପଡିଥିବା ଗାଈକୁ ଦେଖି ସଙ୍ଗେ ସଙ୍ଗେ ଆରଆଇ ରବୀନ୍ଦ୍ର ପ୍ରଧାନଙ୍କୁ ଜଣାଇଥିଲେ। ପରେ ଏକ ଜେସିବି ମେଶିନ ଓ ସ୍ଥାନୀୟ କିଛି ଯୁବକଙ୍କ ସାହାଯ୍ୟରେ ଗାଈଟିକୁ ଗର୍ତ୍ତରୁ ଉଦ୍ଧାର କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ହେଲେ ଗର୍ଭବତୀ

- ବାତ୍ୟା ଜୱାଦ ଲାଗି ବସ୍, ଅଟୋ ସେବା ବନ୍ଦ ଆଜି
- ଚାଷଜମିର ଭିଡିଓ ରଖିବାକୁ ପରାମର୍ଶ

**ଛତ୍ରପୁର,୩।୧୨(ଡି.ଏନ୍.ଏ.)**



ଜଣେ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି।

ବାତ୍ୟା 'ଜୱାଦ' ପ୍ରଭାବରେ ଗଞ୍ଜାମ ଜିଲାରେ ଶୁକ୍ରବାର ରାତିରୁ ବର୍ଷା ଆରମ୍ଭ ହୋଇ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାବାସୀଙ୍କୁ ସତର୍କ କରାଯାଇଛି । ପୂର୍ବାହ୍ନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ବୈଠକ ଆଗତ କରି ଜିଲାସ୍ତରୀୟ ସମସ୍ତ ଅଧିକାରୀ ଏବଂ ସମସ୍ତ ଲାଇନ ବିଭାଗୀୟ ଅଧିକାରୀଙ୍କ ସହିତ ବାତ୍ୟା ମୁକାବିଲା ନେଇ ଆଲୋଚନା କରିଥିଲେ। ଜିଲାର ପାତ୍ରପୁର, ଚିକିଟି, ସୋରଡା, ଗୋପାଳପୁର, ସୁନପୁର ଅଞ୍ଚଳର ତଳିଆ ସ୍ଥାନରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ। ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଉଛି। ଶୁକ୍ରବାର ରାତି ୯ଟା ସୁଦ୍ଧା ୧୮୪ ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ପ୍ରସବ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।ମାଟି ଅତଡା ଧସିବା ସମ୍ଭାବନା ରହୁଥିବା ସ୍ଥାନରୁ ଏବଂ କଚ୍ଚାଘରେ ରହୁଥିବା ଲୋକଙ୍କୁ ମଧ୍ୟ ସ୍ଥାନାନ୍ତର କରାଯିବ। ଖାଲୁଆ ଅଞ୍ଚଳର ଜମିରେ ହୋଇଥିବା ଫସଲର ଫଟୋ ଏବଂ ଭିଡିଓ ଉତ୍ତୋଳନ କରି ରଖିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ଏଥିରୁ କ୍ଷୟକ୍ଷତିର ଆକଳନ କରି ସହାୟତା ପ୍ରଦାନ କରାଯାଇପାରିବ । ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ଶୁକ୍ରବାର ଏବଂ ଶନିବାର ଜିଲାର ସମୁଦ୍ର ଅଞ୍ଚଳକୁ ବୁଲିଯିବାକୁ ପର୍ଯ୍ୟଟକମାନଙ୍କୁ ବାରଣ କରାଯାଇଛି। ଧାନ ଓ ପନିପରିବା ଗୁଡିକୁ କିପରି ସୁରକ୍ଷିତ ରଖାଯିବ ସେଥି ସକାଶେ କୃଷକ ମାନଙ୍କୁ ସତର୍କ କରାଇ ଦିଆଯାଇଛି । ଜେନେରେଟର୍, ପାଣି, ଔଷଧ, ଶୁଖିଲା ଖାଦ୍ୟ, ଚୁଡା,ଗୁଡ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ।ଖିବା ଓ ଯେଉଁ ସ୍ଥାନରେ ରାସ୍ତା କଟିଯିବା ସମ୍ଭାବନା ରହିଛି ତେଣୁ ଉକ୍ତ ଅଞ୍ଚଳ ପ୍ରତି ନଜର ରଖିବାକୁ କୁହାଯାଇଛି। ଶନିବାର ଜିଲାରେ ସମସ୍ତ ବସ ଏବଂ ଅଟୋ ଚଳାଚଳ ବନ୍ଦ ରହିବ। ଜଳମଗ୍ନ ସ୍ଥାନକୁ ଫଟୋ ଉଠାଇବା ପାଇଁ ନ ଯିବାକୁ ଲୋକଙ୍କୁ କୁହାଯାଇଛି । ବର୍ଷା ହେଲେ ଭଞ୍ଜନଗର, ସୋରଡା, ବାଘଲଟି, ଘୋଡାହାଡ ଡ୍ୟାମରେ ଜଳପତ୍ତନ ବୃଦ୍ଧିପାଇବ । ତେଣୁ କେନାଲ ଗୁଡିକରେ ପାଣି ନିଷ୍କାସନ କରାଯାଉଛି। ବର୍ଷା ହେଲେ କେନାଲ ଗୁଡିକରେ ପାଣି ଛଡାଯିବ । ଏଣୁ କେନାଲ ଅଞ୍ଚଳ ଖାଲି ରଖିବାକୁ ପରାମର୍ଶ ଦିଆଯାଇଛି । ଡ୍ୟାମରୁ ଜଳ ନିଷ୍କାସନ କରାଯିବ । କେନାଲ ଦେଇ ଆନ୍ଧ୍ର ପ୍ରଦେଶ ଅଞ୍ଚଳକୁ ଜଳ ଯିବ । ତେଣୁ ଆନ୍ଧ୍ର ଅଧିକାରୀଙ୍କୁ ଏ ନେଇ ଆଗୁଆ ସୂଚନା ଦେବାକୁ ଜିଲାପାଳ କହିଥିଲେ ।

## ପହଞ୍ଚିଲା ୩ ଏନ୍‌ଡିଆର୍‌ଏଫ୍ ଟିମ୍

ଗଞ୍ଜାମ ଜିଲାକୁ ୩ଟି ଏନ୍‌ଡିଆର୍‌ଏଫ ଟିମ ଆସିଛନ୍ତି। ଗୋଟିଏ ଦଳ ଗଞ୍ଜାମ, ପାତ୍ରପୁର ଏବଂ ଗୋପାଳପୁର ବିଜ୍ଞାପିତ ଅଞ୍ଚଳକୁ ପଠାଯାଇଛି । ସେହିପରି ଓଡିଆର୍‌ଏଫର ୩ଟି ଦଳ ଆସିଛନ୍ତି । ଗୋଟିଏ ଟିମକୁ ଆସିକା ଏବଂ ଅନ୍ୟ ଦୁଇଟି ଟିମ୍‌କୁ ଛତ୍ରପୁର ଜିଲା କାର୍ଯ୍ୟାଳୟରେ ରଖାଯାଇଛି । ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ପ୍ରେରଣ କରାଯିବ। ଯଦି କେଉଁ ଠାରେ ଗଛ ପଡିଥାଏ ତେବେ ଜିଲାପାଳଙ୍କ ଆଦେଶକୁ ଅପେକ୍ଷା ନ କରି ତହସିଲଦାର କିମ୍ବା ଉପଜିଲାପାଳଙ୍କ ପରାମର୍ଶ ନେଇ ଗଛ କାଟି ରାସ୍ତା ସଫା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମୋବାଇଲ ନେ ୱାର୍କ ଯେପରି ଅଚଳ ହେବ ନାହିଁ ସେଥି ନିମନ୍ତେ ଟାୱାର ଏବଂ ମୋବାଇଲ କମ୍ୟୁନିକେସନ ସଂସ୍ଥାସହ ଯୋଗାଯୋଗ କରି ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି । ଜୀବନ ସୁରକ୍ଷାକାରୀ ଦଳକୁ ଜ୍ୟାକେଟ ପ୍ରଦାନକରି ପୂର୍ବରୁ ଚିହ୍ନଟ କରି ରଖିବାକୁ କୁହାଯାଇଛି । ସମସ୍ତ ବିଭାଗ୨୪ ଘଣ୍ଟା ସଜାଗ ହୋଇ ରହିବାକୁ ନିର୍ଦ୍ଦେଶ ରହିଛି । କେହି ସଦର ମହକୁମା ଛାଡିବେ ନାହିଁ । ପୋଲିସ ପ୍ରଶାସନକୁ ମଧ୍ୟ ସଜାଗ ହୋଇ ରହିବାକୁ କୁହାଯାଇଛି ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ନିମ୍ନମାନର ଅଭିଯୋଗ

**ଆର.ଉଦୟଗିରି, ୩।୧୨(ଡି.ଏନ.ଏ.)**

ମୋହନା ବ୍ଲକର ଚନ୍ଦ୍ରଗିରି ଗ୍ରାମ୍ୟ ଉନ୍ନୟନ ଉପବିଭାଜନ ଅନ୍ତର୍ଗତ ଜୀରଙ୍ଗଠାରୁ ଡରାବ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ପାଢ଼ୀଗାଁଠାରୁ ଲବରସିଙ୍ଗି ରାସ୍ତା, ପଞ୍ଚାମ୍ବ ଠାରୁ ଡିମ୍ବିରିସାହି ରାସ୍ତା ସହ ଜୀରଙ୍ଗ କଲୋନୀ ରାସ୍ତାଠାରୁ ଚନ୍ଦ୍ରଗିରି ରାସ୍ତା ଅତି ନିମ୍ନମାନର କାର୍ଯ୍ୟ ହୋଇଛି। ତାହାର ଭବିଷ୍ୟତ ପ୍ରତି ଆଶଙ୍କା ସୃଷ୍ଟି ହେଉଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପାଇ ଜୀରଙ୍ଗ ସରପଞ୍ଚ ଟଙ୍କଧର ରଣସିଂ ମୋହନା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କଠାରେ କାର୍ଯ୍ୟ ତଦାରଖ କରି ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ରାସ୍ତା ମରାମତି କରା ନ ଯାଏ ତେବେ ଉଚ୍ଚ ଅଧିକାରୀଙ୍କ ନିକଟରେ ଦାବି ରଖିବେ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ନିଯୁକ୍ତି, ନିଯୁକ୍ତି ଭିତ୍ତିକ ପରାମର୍ଶ ମେଳା

**ଫୁଲବାଣୀ ଅଫିସ, ୩।୧୨**

ଫୁଲବାଣୀ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ ନିଯୁକ୍ତି ଓ ନିଯୁକ୍ତି ଭିତ୍ତିକ ପରାମର୍ଶ ମେଳା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୁଲ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଦେବୀ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଡିଓ ଶାନ୍ତନୁ ନାୟକ, ଜିଲା ନିଯୋଜନ ଅଧିକାରୀ ଭୃଙ୍ଗରାଜ ମହାନ୍ତି, ଫୁଲବାଣୀ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଦିଗାଳ, ଫୁଲବାଣୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଟେଞ୍ଜ ଲିଡର ଦେବାଶିଷ ମଲ୍ଲିକ ପ୍ରମୁଖ ଯୋଗଦେଇ ଉପସ୍ଥିତ ଯୁବତୀ ଯୁବକମାନଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ସୁଶ୍ରୀ ସବିତା ସୁବୁଦ୍ଧି ପରିଚାଳନା କରିଥିଲେ। ମେଳାରେ ୧୮ରୁ ୩୫ ବର୍ଷର ପ୍ରାୟ ୪୬୭ ଜଣ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ପ୍ରାୟ ୨୬୧ ଜଣଙ୍କୁ ବିଭିନ୍ନ ପିଆଇଏମାନଙ୍କ ଦ୍ୱାରା ପଞ୍ଜୀକରଣ କରାଯାଇଥିଲା।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

**ପୋଲସରା,୩।୧୨(ଡି.ଏନ.ଏ.)**

ପୋଲସରା ବ୍ଲକ ଚିରିକିପଡାଶାସନ ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ବିଭିନ୍ନ କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ରାସ୍ତାଠାରୁ ବିରିପୁର ମୋଇଦଣ୍ଡା ରାସ୍ତା କଡ଼ରେ ଚାରା ରୋପଣ ନକରି ୧ଲକ୍ଷ ୯୨ ହଜାର ୭ଶହ ୨୦ ଟଙ୍କା ମିଥ୍ୟା ବିଲ୍ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବଡରାଳ ସାହିଠାରୁ ଗଞ୍ଜଦେଣ୍ଡା ରୋଡରେ ଗଛ ନ ଲଗାଇ ୭୭ ହଜାର ୨ଶହ ଟଙ୍କାର ବିଲ୍ ହୋଇଥିବା ବେଳେ ନରସିଂହପଲ୍ଲୀ ଗ୍ରାମରେ ମାଳିସାହିଠାରୁ ଶ୍ମଶାନ ରୋଡ ଫଳକରେ କାର୍ଯ୍ୟର ନାମ ନଲେଖି ଚଞ୍ଚକତା ପୂର୍ବକ କିଛି ମୋରମ ପକାଇ ୧ ଲକ୍ଷ ୯୯ ହଜାର ୫ଶହ ଟଙ୍କାର ମିଥ୍ୟା ବିଲ୍ ହୋଇଥିଲା। ଏପରିକି ବଘୁଆ ୧୮ଆରଠାରୁ ତୁମ୍ବେଶ୍ୱର ମନ୍ଦିର ରାସ୍ତାକୁ ମନ୍ଦିରର ପାଣ୍ଠିରୁ ମରାମତି କରାଯାଇଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରି ୨ ଲକ୍ଷ ୫୦ ହଜାର ୫ଶହ ୭୦ ଟଙ୍କାର ମିଥ୍ୟା ବିଲ୍ କରି ହରିଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରି ଦୁର୍ନୀତୀରେ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିରିକିପଡାଶାସନ ପଞ୍ଚାୟତର ଭଗବାନ ସାହୁ, ଚକ୍ରପାଣି ପ୍ରଧାନ, ସୁରେନ୍ଦ୍ର ସାହୁ, ଲକ୍ଷ୍ମୀ ନାରାୟଣ ଗୌଡ ଓ ଭାଜପା ଯୁବମୋର୍ଚ୍ଚାର ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## 'ପର ହୋଇଗଲା ପଣତକାନି' ନାଟକ ମଞ୍ଚସ୍ଥ



ଅତିଥିଙ୍କ ଦ୍ୱାରା ନାଟକ ଉଦ୍‌ଘାଟନ।

**ଖଲ୍ଲିକୋଟ,୩।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ସିଙ୍ଗଡାପଲି ଗ୍ରାମରେ କୋଠିଶାଳ ଯାତ୍ରା ଉପଲକ୍ଷେ 'ପର ହୋଇଗଲା ପଣତକାନି' ନାଟକ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ମା ଗ୍ରାମ ଅଧିକାରୀ ଯୁବକ ସଂଘ ଆନୁକୂଲ୍ୟରେ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଟ୍ୟପ୍ରେମୀ ତଥା ଯୁବନେତା ମନୋଜ ପ୍ରଧାନ, ରାମଚନ୍ଦ୍ର ପାହାନ, ଶକଳେଶ୍ୱର ଦାସ, ସୁରେନ୍ଦ୍ର ପ୍ରଧାନ, ନିରଞ୍ଜନ ମୁନି, ଲକ୍ଷ୍ମଣ ରଥ, ଦେବରାଜ ପାତ୍ର, ନବ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ନାଟକ ନିର୍ଦ୍ଦେଶନା ନାଟ୍ୟଗୁରୁ ତିରୁ ମହାରଣା ପ୍ରଦାନ କରିଥିଲେ। ଏଥିରେ ସିଙ୍ଗଡ଼ାପଲି ଗ୍ରାମର ବହୁ ଯୁବକ ଅଭିନୟ କରିଥିଲେ। ବହୁ ମହିଳା ଓ ପୁରୁଷ ଉପସ୍ଥିତ ରହି ନାଟକ ଦେଖିଥିଲେ। ଶ୍ରେଷ୍ଠ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା।

## ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

**ଗଜପତିରେ ଝିପି ଝିପି ବର୍ଷା ଜାରି**

ପାରଳାଖେମୁଣ୍ଡି,୩।୧୨(ଡି.ଏନ୍.ଏ.)– ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଥିବା ଲଘୁଚାପ ପ୍ରଭାବରେ ଆଗାମୀ ଦିନରେ ହେବାକୁଥିବା ସମ୍ଭାବ୍ୟ ଝଡ଼ବାତ୍ୟା 'ଜୱାଦ'କୁ ଦୃଷ୍ଟିରେ ରଖି ଓଡ୍ରାଫର ୨ ଟିମ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ଶୁକ୍ରବାର ଗଜପତିରେ ପହଞ୍ଚିଛନ୍ତି। ସମ୍ଭାବ୍ୟ ବାତ୍ୟା ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ଗୁରୁବାରରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ବେଳେ ଶୁକ୍ରବାର ସକାଳୁ କୋହଲା ପାଗ ସହ ଝିପି ଝିପି ବର୍ଷା ଆରମ୍ଭ ହେଉଛି। ଏଥିପାଇଁ ଉକ୍ତ ୨ ଟିମ୍ ପାରଳାଖେମୁଣ୍ଡିରେ ପହଞ୍ଚିଲା ପରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ସହ ସମ୍ଭାବ୍ୟ ବାତ୍ୟା ନେଇ ଏକ ରଣନୀତି ପ୍ରସ୍ତୁତ କରିଛନ୍ତି। ଓଡ୍ରାଫର ଗୋଟିଏ ଟିମ୍‌ରେ ୩୬ ଜଣ ସଦସ୍ୟ ଅଛନ୍ତି। ସେମାନଙ୍କୁ ତିନି ଭାଗରେ ବିଭକ୍ତ କରାଯାଇ ଗଙ୍ଗାବାଡ଼, କଇଁପୁର ଏବଂ ରା.ଉଦୟଗିରିକୁ ପଠାଯାଇଛି। ଓଡ୍ରାଫର ଅନ୍ୟ ଟିମ୍‌ରେ ୨୯ ଜଣ ସଦସ୍ୟ ଥିଲା ବେଳେ, ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ କାଶୀନଗରକୁ ଏବଂ ପାରଳାଖେମୁଣ୍ଡିର ଦାୟିତ୍ୱ ଦିଆଯାଇଛି। ଏନ୍‌ଡିଆର୍‌ଏଫ୍‌ର ଟିମ୍‌ରେ ୨୦ ସଦସ୍ୟ ଥିଲା ବେଳେ ସେମାନଙ୍କୁ ଗୋଷାଣୀ ବ୍ଲକର ଦାୟିତ୍ୱରେ ରଖାଯାଇଛି। ଏହା ସହିତ ଅଗ୍ନିଶମ ବିଭାଗର ୧୦ ଟିମ୍ ଗଜପତି ଜିଲାକୁ ପଠାଯାଇଛି।

# କନ୍ଧମାଳରେ ଶୀତବସ୍ତ୍ରର ଚାହିଦା ବଢୁଛି

**ଫୁଲବାଣୀ ଅଫିସ, ୩।୧୨**



ଜଣେ ବ୍ୟବସାୟୀ ଶୀତବସ୍ତ୍ର ବିକ୍ରି କରୁଛନ୍ତି।

କନ୍ଧମାଳ ଜିଲାରେ ଗତ କିଛି ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି । ଦିନକୁ ଦିନ ପାରଦ ଖସିବାରେ ଲାଗିଛି। ଓଡ଼ିଶାର କଶ୍ମୀର କୁହାଯାଇଥିବା କନ୍ଧମାଳ ଜିଲାର ଦାରିଙ୍ଗିବାଡିରେ ଦୁଇ ଦିନ ତଳେ ତାପମାତ୍ରା ୭ ଡିଗ୍ରୀ ରେକର୍ଡ କରା ଯାଇଥିଲା ବେଳେ ଫୁଲବାଣୀରେ ୮ ଡିଗ୍ରୀ ହୋଇଛି । ଶୀତ ବଢୁଥିବାରୁ ଗ୍ରାମାଞ୍ଚଳରେ ଲୋକେ କାମ କରିବାକୁ ଯିବାରେ କଷ୍ଟ ଅନୁଭବ କରୁଛନ୍ତି। ସକାଳ ୯ଟା ପର୍ଯ୍ୟନ୍ତ ଘରୁ ବାହାରି ପାରୁନାହାନ୍ତି। ଅନ୍ୟପକ୍ଷରେ ସହରରେ ଲୋକେ ପ୍ରାତଃଭ୍ରମଣର ମଜା ନେଉଛନ୍ତି। କେତେକ ଖେଳାଖେଳିରେ ମଜ୍ଜି ରହୁଛନ୍ତି। ଶୀତ ବଢୁଥିବାରୁ ଶୀତବସ୍ତ୍ରର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି । ଚଳିତବର୍ଷ ରାଜ୍ୟ ବାହାରର ବ୍ୟବସାୟୀମାନେ ଫୁଲବାଣୀ ସମେତ ଜିଲାର ବିଭିନ୍ନ ସ୍ଥାନକୁ ଆସି ରାସ୍ତାପାର୍ଶ୍ୱରେ ଶୀତବସ୍ତ୍ରର ପସରା ମେଲାଇଛନ୍ତି। ଦୋକନ ବଜାରରେ ମଧ୍ୟ ଶୀତବସ୍ତ୍ର ଦେଖିବାକୁ ମିଳୁଛି । ବ୍ୟବସାୟୀମାନେ ଭଲ ବ୍ୟବସାୟ କରୁଛନ୍ତି। ଆଗକୁ ଆହୁରି ଶୀତ ହେବ। ତାପମାତ୍ରା ୨ ଡିଗ୍ରୀ ତଳକୁ ଖସିବ। ହାଡ଼ଥରା ଶୀତରୁ ବର୍ତ୍ତିବା ପାଇଁ ଶୀତବସ୍ତ୍ର ହିଁ ସାହାରା । ଲୋକେ ଜ୍ୟାକେଟ, ଟୋପି, ଗ୍ଲୋବସ, ସାଲ, ସୁଇଟର, ମଫଲର ଓ କମ୍ବଳ ଆଦି କିଣୁଛନ୍ତି। ରାସ୍ତାପାର୍ଶ୍ୱରେ ୧୦୦ ଟଙ୍କାରୁ ଆରମ୍ଭ କରି ୩୦୦୦ ପର୍ଯ୍ୟନ୍ତ ଏବଂ ବଜାରରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଶୀତବ୍ରତ ବିକ୍ରି ହେଉଛି । ଅଧିକାଂଶ ବ୍ୟବସାୟ ରାସ୍ତା ପାର୍ଶ୍ୱରେ ହେଉଛି। ଗ୍ରାହକ ଖୁସ । ବ୍ୟବସାୟୀ ବି ଲାଭବାନ ହେଉଛି ।

କରୋନା ପାଇଁ ଗତ ୨ ବର୍ଷ ହେଲା ବ୍ୟବସାୟ ମାନ୍ଦା ଥିଲା । ଚଳିତ ବର୍ଷ ଭଲ ବିକ୍ରି ହେଉଛି । ଆଗକୁ ଆହୁରୀ ବ୍ୟବସାୟ ହେବ ବୋଲି ବ୍ୟବସାୟୀ ଆଶା ବାନ୍ଧଛନ୍ତି। ଫୁଲବାଣୀ ସହରର ବିଇଡି କଲେଜ ଛକ, ବିଜୁ ପଟ୍ଟନାୟକ ଛକ, ଥାନା ଛକ, କୋର୍ଟ ଛକ ପାଖ ରାସ୍ତାରେ ଏହି ଶୀତ ବସ୍ତ୍ର ବିକ୍ରି ହେଉଛି । ସେହିପରି ବାଲିଗୁଡା ସହରର, ଜି.ଉଦୟଗିରି ସହର, ରାଇକିଆ ସହରରେ ମଧ୍ୟ ଶୀତ ବସ୍ତ୍ର ବିକ୍ରି ହେଉଛି । ଜଣେ ବ୍ୟବସାୟୀ ଦିନକୁ ପାଖାପାଖି ୪୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରୁଛନ୍ତି। ତେବେ ଲଘୁଚାପଜନୀତ ବର୍ଷା ଏବଂ ବାତ୍ୟାର ସାମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ରାସ୍ତାପାର୍ଶ୍ୱ ବ୍ୟବସାୟୀମାନେ ଚିନ୍ତାରେ ଅଛନ୍ତି। ଲଘୁଚାପ ପରେ ପୁଣି ପାଗ ଠିକ୍ ରହିଲେ ଆଗାମୀ ଦିନରେ ଆହୁରୀ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀ ଆଶା ରଖିଛନ୍ତି।

## ଗଞ୍ଜେଇ ଜବତ, ୨ ଗିରଫ

**ପାତ୍ରପୁର,୩।୧୨(ଡି.ଏନ.ଏ.)**

ଗଜପତି ଜିଲାରୁ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ୨ ଜଣ ଯୁବକକୁ ଶୁକ୍ରବାର ଜରଡା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଆର. ଉଦୟଗିରି ଥାନା ଟିକାମାଳ ଗ୍ରାମର ଦେବରାଜ ରଇତ (୨୫) ଏବଂ ରାଜେଶ ରଇତ (୧୯)। ଉଭୟେ ଶୁକ୍ରବାର ଭୋରରେ ବାଇକ ଯୋଗେ ଗଞ୍ଜେଇ ଧରି ଚିକିଟି ଆଡକୁ ଯାଉଥିବା ବେଳେ ପୋଲିସ ପାଟ୍ରୋଲିଂ କରୁଥିବା ଦେଖି ଦ୍ରୁତ ଗତିରେ ଖସିଯିବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ତାଙ୍କର ପିଛା କରି ଉଭୟଙ୍କୁ ଧରିଥିଲା। ପାତ୍ରପୁର ତହସିଲଦାର ଅମିତ କୁମାର ନାୟକ ପହଞ୍ଚିଥିଲେ, ତାଙ୍କଠାରୁ ୨୬ କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି।

GOVERNMENT OF ODISHA No. C-1452

**OFFICE OF THE PURI MUNICIPALITY, PURI**

Email: purim.hud@nic.in

**NATIONAL COMPETITIVE BIDDING THROUGH e-Procurement**

**Identification No. P.M. 07/2021-22**
**Notice No. 7987 Dated: 01.12.21**

| | | |
|---|---|---|
| 1. | Type of Work | Civil Work |
| 2. | Total No. of works | 45 Nos. of Individual works |
| 3. | Estimate Cost | Rs.97230/- to Rs.1785608/- |
| 4. | Period of Completion | 30 Days |
| 5. | Date & time of availability of bid document in the portal | From 03 P.M. of 01.12.2021 to 05 P.M. of 09.12.2021 |
| 6. | Last date/time for receipt of bid in the portal | Upto 05 P.M. of 09.12.2021 |
| 7. | Date of opening of Bid | 11 A.M. of Dtd.10.12.2021 |
| 8. | Name & address of the Officer Inviting Bid | Executive Officer, Puri Municipality, Puri |

Further detail can be seen from the e-procurement portal www.tendersorissa.gov.in.

Sd./- Executive Officer
Puri Municipality, Puri
OIPR-13159/11/0016/2122

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 8765/PSC Dt.02.12.2021**
**(1R-80-21-22) (DR-V)**

No. D-216: It is for information of all concerned that, document verification of candidates having PPSAN mentioned below for the post of **Associate Professor in Vyakarana** pursuant to Advertisement No. 06 of 2021-22 shall be held on **18.12.2021** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 18.12.2021 | 10.30 A.M. | 00109927 & 00109076 = **02 Candidates** |

The candidates are required to submit the following documents at the time of verification.
1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form"**, (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experinece.
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Confrence.

Besides :
   i. Copies of the 1st Pages of each Research Publication/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate strictly advised to adhere to the **COVID Guidelines** as notified by the Government from time to time.

OIPR-12002/11/0152/2122 Sd./- Secretary

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 8782/PSC Dt.02.12.2021**
**(1R-81-21-22) (DR-V)**

No. D-220: It is for information of all concerned that, document verification of candidates having PPSAN mentioned below for the post of **Associate Professor in Veda** pursuant to Advertisement No. 06 of 2021-22 shall be held on **15.12.2021** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 15.12.2021 | 2.30 P.M. | 00110514, 00089839 & 00087719 = **3 Candidates** |

The candidates are required to submit the following documents at the time of verification.
1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form"**, (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experinece.
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Conference.

Besides :
   i. Copies of the 1st Pages of each Research Publications/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID Guidelines** as notified by the Government from time to time.

OIPR-12002/11/0156/2122 Sd./- Secretary

